# NATIONAL NEWS BULLETIN (ODIA)
## 10 June - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

## ଶପଥ ଗ୍ରହଣ ଉତ୍ସବ

କ୍ରମାଗତ ତୃତୀୟଥର ପାଇଁ ଏନ୍‌ଡିଏ ମେଣ୍ଟର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଆୟୋଜିତ  ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ମୋଦୀଙ୍କ ସମେତ ନୂତନ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ନୂତନ ମନ୍ତ୍ରୀଙ୍କ ମଧ୍ୟରେ ୩୦ଜଣ କ୍ୟାବିନେଟ୍ ପାହ୍ୟା, ୫ ଜଣ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଏବଂ ୩୬ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । କ୍ୟାବିନେଟ୍  ସଦସ୍ୟଙ୍କ ମଧ୍ୟରେ ରାଜନାଥ ସିଂହ, ଅମିତ ଶାହା, ନୀତିନ ଗଡ଼କରୀ, ଜେ.ପି. ନଡ୍ଡା, ଡକ୍ଟର ଏସ୍.ଜୟଶଙ୍କର, ପିୟୁଷ ଗୋୟଲ, ଧର୍ମେନ୍ଦ୍ର ପ୍ରଧାନ ଏବଂ ନିର୍ମଳା ସୀତାରମଣ, ଅଶ୍ୱିନୀ ବୈଷ୍ଣବ, ଜୁଏଲ୍ ଓରାମ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କିରଣ ରିଜିଜୁ, ପ୍ରହ୍ଲାଦ ଯୋଶୀ,

ଶିବରାଜ ସିଂ ଚୌହାନ, ମନୋହରଲାଲ ଖଟ୍ଟର, ସର୍ବାନନ୍ଦ ସୋନଓ୍ୱାଲ, ଭୂପେନ୍ଦ୍ର ଯାଦବ, ଅନ୍ନପୂର୍ଣ୍ଣା ଦେବୀ, ହରଦୀପ ସିଂ ପୁରୀ, ଡାକ୍ତର ମନସୁଖଲାଲ ମାଣ୍ଡବ୍ୟ, ଜି. କିଷାନ ରେଡ୍ଡୀ, ଗଜେନ୍ଦ୍ର ସିଂ ଶେଖାଓ୍ୱତ, ସି.ଆର୍. ପାଟିଲ, ଡାକ୍ତର ବୀରେନ୍ଦ୍ର କୁମାର ପ୍ରମୁଖ ରହିଛନ୍ତି ।

ଏହା ବ୍ୟତୀତ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. କୁମାର ସ୍ୱାମୀ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହାମ୍ ପାର୍ଟିର ଜିତନରାମ ମାଁଝୀ, ଜେଡିୟୁର ରାଜୀବ ରଂଜନ ସିଂ, ଟିଡିପିର ରାମମୋହନ ନାଇଡୁ ଏବଂ ଏଲ୍‌ଜେପି-ରାମବିଲାଶ ମୁଖ୍ୟ ଚିରାଗ ପାଶ୍ୱାନ ମଧ୍ୟ କ୍ୟାବିନେଟ୍ ସଦସ୍ୟ ଭାବେ ଶପଥ ନେଇଛନ୍ତି ।

ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଭାବେ ବିଜେପିର ରାଓ ଇନ୍ଦ୍ରଜିତ ସିଂହ, ଡକ୍ଟର ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘଓ୍ୱାଲ, ଶିବସେନାର ପ୍ରତାପ ରାଓ ଯାଦବ, ଆରଏଲ୍‌ଡିର ମୁଖ୍ୟ ଜୟନ୍ତ ଚୌଧୁରୀ ପ୍ରମୁଖ ଶପଥ ନେଇଛନ୍ତି । ଏହା ବ୍ୟତୀତ ଏନ୍‌ଡିଏ ମେଣ୍ଟର ୩୬ ଜଣ ସାଂସଦ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

ଏହି ଶପଥ ଗ୍ରହଣ ସମାରୋହରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ସେସେଲ୍‌ସର ଉପରାଷ୍ଟ୍ରପତି ଅହମ୍ମଦ ଆଫିଫ, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ ମାଲଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ

କୁମାର ଜଗନ୍ନାଥ ଏବଂ ଭୂଟାନ ପ୍ରଧନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ଏହି ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିଲେ ।

ଆଜି ସନ୍ଧ୍ୟାରେ କେନ୍ଦ୍ର କ୍ୟାବିନେଟ୍‌ର  ପ୍ରଥମ ବୈଠକ ବସିବାର ସମ୍ଭାବନା ରହିଛି ।

## ଇଣ୍ଡଷ୍ଟ୍ରୀବଢ଼ି ପିଏମ୍

କ୍ରମାଗତ ତୃତୀୟଥର ଲାଗି ଶପଥ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶିଳ୍ପ ସଂଗଠନ-ଫିକି ଏବଂ ଆସୋଚାମ୍ ଅଭିନନ୍ଦନ ଜଣାଇଛନ୍ତି । ଫିକି ସଭାପତି ଡକ୍ଟର ଅନୀଶ ଶାହା କହିଛନ୍ତି କେନ୍ଦ୍ରରେ ସ୍ଥିର ସରକାର ଦେଶର ଅର୍ଥନୈତିକ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ । ପ୍ରଗତିଶୀଳ ନୀତି ଏବଂ ପଦକ୍ଷେପ ଗୁଡ଼ିକ ପାଇଁ ଫିକି ସର୍ବଦା ଆଗ୍ରହ ପ୍ରକାଶ କରିଆସିଛି । ଅର୍ଥନୈତିକ ଓ ସାମାଜିକ ବିକାଶକୁ ବିକଶିତ ଭାରତ କାର୍ଯ୍ୟକ୍ରମ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସେ କହିଛନ୍ତି ।

ଆସୋଚାମ୍ ସଭାପତି ସଂଜୟ ନାୟାର କହିଛନ୍ତି ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ତୃତୀୟଥର ଲାଗି ଦାୟିତ୍ୱ ଗ୍ରହଣ କରିଥିବାରୁ ଭାରତକୁ ବିଶ୍ୱର ତୃତୀୟ ଅର୍ଥନୀତିରେ ପରିଣତ କରିବାର ସଂକଳ୍ପକୁ ପୁନର୍ଜୀବିତ କରିଛି । ଶିଳ୍ପ, ବାଣିଜ୍ୟ ଏବଂ ଆର୍ଥିକ ବଜାର ପୁନଃ ସକ୍ରିୟ ହୋଇଛି ବୋଲି ସେ କହିଛନ୍ତି ।

# ପିଏମ୍ ବିଶ୍ୱନେତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏହି ତୃତୀୟ ପାଳିରେ ଭାରତ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ କାର୍ଯ୍ୟ ଜାରି ରଖିବ । ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି । ଶପଥ ଗ୍ରହଣ ସମାରୋହ ପରେ ଶ୍ରୀ ମୋଦୀ ଗତ ରାତିରେ ରାଷ୍ଟ୍ରପତି ଭବନରେ ପଡ଼ୋଶୀ ରାଷ୍ଟ୍ରର ମୁଖ୍ୟଙ୍କୁ ଭେଟିଥିଲେ । ଏହି ଅବସରରେ ସେମାନଙ୍କୁ ଧନ୍ୟବାଦ ଜଣାଇ ପ୍ରଧାନମନ୍ତ୍ରୀ ପଡ଼ୋଶୀ ପ୍ରଥମ ନୀତି ଏବଂ ସାଗର ଭିଜନ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଶପଥ ଗ୍ରହଣ ସମାରୋହରେ ପଡ଼ୋଶୀ ରାଷ୍ଟ୍ରମୁଖ୍ୟଙ୍କ ଅଂଶ ଗ୍ରହଣ ସେହି ରାଷ୍ଟ୍ରଗୁଡ଼ିକ ସହ ଭାରତର ବନ୍ଧୁତ୍ୱ ଏବଂ ସହଯୋଗକୁ ପ୍ରତିପାଦିତ କରୁଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଆୟୋଜିତ ଭୋଜିସଭାରେ ଏହି ପଡ଼ୋଶୀ ରାଷ୍ଟ୍ରମୁଖ୍ୟମାନେ ଅଂଶ ଗ୍ରହଣ କରିଥିଲେ । ରାଷ୍ଟ୍ରମୁଖ୍ୟମାନଙ୍କୁ ଭୋଜିସଭାରେ ସ୍ୱାଗତ କରି  ରାଷ୍ଟ୍ରପତି କହିଥିଲେ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟା ଦେଶର ନାଗରିକମାନଙ୍କ ପାଇଁ କେବଳର

ଗର୍ବର ମୁହୂର୍ତ୍ତ ନୁହେଁ, ବରଂ ସାରା ବିଶ୍ୱର କୋଟିକୋଟି ଜନତାଙ୍କ ପାଇଁ ଏହା ପ୍ରେରଣା ପାଲଟିଛି ।

# ସିକିମ୍ ସ୍ୱେରିଂ

ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା-ଏସ୍‌କେଏମ୍ ନେତା ପ୍ରେମ ସିଂ ତମାଙ୍ଗ ଆଜି ସିକିମ୍‌ର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ । ଗ୍ୟାଙ୍ଗଟକ୍‌ର ପାଲ୍‌ଜୋର୍ ଷ୍ଟାଡିୟମରେ ଆଜି ଅପରାହ୍ନରେ ଆୟୋଜିତ ହେବାକୁ ଥିବା ଶପଥଗ୍ରଅଣ ସମାରୋହରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ' ଶ୍ରୀ ତମାଙ୍ଗ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଶ୍ରୀ ତମାଙ୍ଗ ଦ୍ୱିତୀୟ ଥର ପାଇଁ ସିକିମ୍‌ର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି ।

ସୂଚନାଯୋଗ୍ୟ ବିଧାନସଭାର ୩୨ଟି ଆସନରୁ ୩୧ଟିରେ ବିଜୟଲାଭ କରି ସିକିମ୍ କ୍ରାନ୍ତିକୋରୀ ମୋର୍ଚ୍ଚା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି । ଅନ୍ୟ ଆସନଟିରେ ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ୍-ଏସ୍‌ଡିଏଫ୍ ବିଜୟ ହାସଲ କରିଛି ।

# ଓଡ଼ିଶା ଅବ୍‌ଜରଭର

ଓଡ଼ିଶାରେ ବିଜେପି ବିଧାୟକ ଦଳ ନେତା ଚୟନ ପାଇଁ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ

ଦଳ ପକ୍ଷରୁ ଦାୟିତ୍ୱ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଦଳର ସଂସଦୀୟ ବୋର୍ଡ ଏହି ଦୁଇ ନେତାଙ୍କୁ ମନୋନୀତ କରିଛି ।

ଓଡ଼ିଶାରେ ଆସନ୍ତା ୧୨ ତାରିଖ ବୁଧବାର ଦିନ ନୂଆ ମୁଖ୍ୟମନ୍ତ୍ରୀଙ୍କର ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଆସନ୍ତାକାଲି ବିଧାୟକ ଦଳ ବୈଠକ ବସି ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ଜେକେ ଟେରର ଆଟାକ୍

ଜାମ୍ମୁ କାଶ୍ମୀରର ରିଆସି ଜିଲ୍ଲାର ତେରିୟତ୍ ଗାଁ ନିକଟରେ ଗତ ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଘାଟିରୁ ଖସିପଡ଼ିବାରୁ ୯ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୩୩ ଜଣ ଆହତ ହୋଇଛନ୍ତି । ବସ୍‌ଟି ଶିବଖୋରୀ ଗୁମ୍ଫା ନିକଟରୁ କଟ୍ରା ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ରିଆସି ପୋଲିସ୍ ଅଧିକାରୀ ମୋହିତା ଶର୍ମା ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ତେରିୟତ୍ ଗାଁ ନିକଟରେ ଡ୍ରାଇଭର ଉପରକୁ ଗୁଳିମାଡ଼ ହେବାରୁ ନିୟନ୍ତ୍ରଣ ହରାଇ ବସ୍‌ଟି ଘାଟିରୁ ଖସିପଡ଼ିଥିଲା ।

କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ସେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ଏବଂ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସହ ପରିସ୍ଥିତି ସଂପର୍କରେ ଆଲୋଚନା କରିଛନ୍ତି । ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏହି

ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ।

## କେରଳ ଆସେମ୍ବ୍ଲି

କେରଳ ବିଧାନସଭାର ଏକାଦଶ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ୨୮ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଅଧିବେଶନରେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁଦାନ ସଂକ୍ରାନ୍ତ ବିସ୍ତୃତ ଆଲୋଚନା ହେବ। ଏହି ଅଧିବେଶନ କାଳରେ ସରକାରୀ ବଜେଟ୍ ଅନୁଦାନ ସଂକ୍ରାନ୍ତ ଆଲୋଚନା ପାଇଁ ୮ ଦିନ ରହିଥିବାବେଳେ ବେସରକାର ଅନୁଦାନ ସଂକ୍ରାନ୍ତ ଆଲୋଚନା ପାଇଁ ୫ ଦିନ ରହିଛି । ଏହି ଅଧିବେଶନ ଜୁଲାଇ ୨୫ ତାରିଖରେ ଶେଷ ହେବ । ଚଳିତ ଅଧିବେଶନରେ କେରଳ ପଞ୍ଚାୟତିରାଜ (ସଂଶୋଧନ) ବିଧେୟକ ଏବଂ କେରଳ ମ୍ୟୁନିସିପାଲିଟି (ସଂଶୋଧନ) ବିଧେୟକ ଉପସ୍ଥାପନ କରାଯିବାର କାର୍ଯ୍ୟସୂଚୀ ରହିଛି ।

## ଦିଲ୍ଲୀ - ଆତିଶି - ଏଲ୍.ଜି. ଇମର୍ଜେନ୍ସି ମିଟ୍

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଆଜି ପୂର୍ବାହ୍ନରେ ଦିଲ୍ଲୀ ଜଳମନ୍ତ୍ରୀ ଆତିଶିଙ୍କ ସହ ଏକ ବୈଠକ କରିବେ । ସାମାଜିକ ଗଣମାଧ୍ୟରେ ଏକ ପୋଷ୍ଟରେ ରାଜଭବନ ପକ୍ଷରୁ' ଦିଲ୍ଲୀ ଉପରାଜ୍ୟପାଳ ଅଧିକାରୀମାନଙ୍କୁ ଦିଲ୍ଲୀକୁ ହିମାଚଳ ପ୍ରଦେଶ ଓ ହରିୟାଣାରୁ ଜଳଯୋଗାଣର ପ୍ରକୃତ ସ୍ଥିତି ବିଷୟରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିବାର ସୂଚନା ଦିଆଯାଇଛି ।

ସେ ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ଜାତୀୟ ରାଜଧାନୀ ଅଞ୍ଚଳରେ ଜଳ ଅପଚୟ ରୋକିବା ଏବଂ ଜଳ ବିଶୋଧନର ସ୍ଥିତି ଦିଗରେ ନିଆଯାଇଥିବା ପଦକ୍ଷେପର ଅନୁଧ୍ୟାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଆତିଶି ଜାତୀୟ ରାଜଧାନୀ ଅଞ୍ଚଳରେ ଜଳସଙ୍କଟ ଉପରେ ଆଲୋଚନାପାଇଁ ଏକ ଜରୁରୀ ବୈଠକ ନିମନ୍ତେ ଉପରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ ।

## ଫ୍ରେଞ୍ଚ ଓପନ୍

ସ୍ପେନ୍‌ର କାର୍ଲୋସ୍ ଆଲ୍‌କାରାଜ ଗର୍ଫିଆ ପୁରୁଷ ସିଙ୍ଗିଲ୍‌ସ ବର୍ଗରେ ଫ୍ରେଞ୍ଚ ଓପନ୍ ଟାଇଟଲ୍  ହାସଲ କରିଛନ୍ତି । ଫାଇନାଲ୍ ମ୍ୟାଚ୍‌ରେ ଜର୍ମାନୀର ଆଲେକ୍‌ଜାଣ୍ଡାର ଜେଭେରେଫ୍‌ଙ୍କୁ ୬-୩, ୨-୬, ୫-୭, ୬-୧ ଓ ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି ।

## ଟି-୨୦

ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଭାରତ' ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଛି । ନିଉୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଓଭରରେ ୮ ରନ୍ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ଖେଳ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଭାରତ ୧୯

ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ରୁଷଭ ପନ୍ଥ ୩୧ ବଲ୍‌ରୁ ୪୨ ରନ୍ ଏବଂ ଅକ୍ଷର ପଟେଲ୍ ୧୮ ବଲ୍‌ରୁ ୨୦ ରନ୍ ସଂଗ୍ରହ କରିଥିଲେ ।

୧୨୦ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୧୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବୁମ୍‌ରା ୪ ଓଭର୍‌ରେ ମାତ୍ର ୧୪ ରନ୍ ବିନିମୟରେ ୩ ଟି ୱିକେଟ୍ ଅକ୍ତିଆର କରିଥିଲେ । ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି, ଅକ୍ଷର ପଟେଲ ଏବଂ ଅର୍ଶଦିପ୍ ସିଂ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ ।